## ସଂକ୍ଷେପରେ

### ବଳାତ୍କାର ଉଦ୍ୟମ, ଜଣେ ଗିରଫ

ଛେଣ୍ଡିପଦା,୨୨।୯(ସ୍ୱ.ପ୍ର.)- ଛେଣ୍ଡିପଦା ଥାନା ଅଞ୍ଚଳର ଜଣେ ବିଧବାଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗରେ ପୋଲିସ ସେହି ଅଞ୍ଚଳର ଜଣେ ଯୁବକଙ୍କୁ ଶନିବାର ଗିରଫ କରିଛି। ପୋଲିସ ସୂତ୍ରରୁ ପ୍ରକାଶ, ମହିଳା ଜଣକ ନିକଟସ୍ଥ ଜଙ୍ଗଲକୁ ଛତୁ ତୋଳିବାକୁ ଯାଇଥିବାବେଳେ ଅଭିଯୁକ୍ତ ତାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ସମ୍ପୃକ୍ତା ମହିଳା ଜୋରରେ ପାଟି କରିବାରୁ ଅଭିଯୁକ୍ତ ସେଠାରୁ ପଳାଇଥିଲେ। ଏ ନେଇ ମହିଳାଙ୍କ ଅଭିଯୋଗ କ୍ରମେ ନଂ. ୨୫୩/୧୮ରେ ମାମଲା ରୁଜୁ ହୋଇଛି। ଅନ୍ୟପକ୍ଷରେ ଅଭିଯୁକ୍ତଙ୍କ ସ୍ତ୍ରୀ ଥାନାରେ ପାଲଟା ଅଭିଯୋଗ ଆଣିଛନ୍ତି। ସମ୍ପୃକ୍ତା ବିଧବା ମହିଳାଙ୍କ ୨ ପୁଅ ଶୁକ୍ରବାର ଅଭିଯୁକ୍ତଙ୍କ ସ୍ତ୍ରୀଙ୍କୁ ବଳାତ୍କାର ଉଦ୍ୟମ କରିଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ଏ ନେଇ ନଂ. ୨୫୫/୧୮ ଆଉ ଏକ ମାମଲା ରୁଜୁ ହୋଇଛି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

### ବାର୍ହା ମୃତଦେହ ଉଦ୍ଧାର



ବଇଣ୍ଡା,୨୨।୯(ଡି.ଏନ.ଏ.)- କିଶୋରନଗର ବ୍ଲକ ଓସ୍କାପାଲି ଗ୍ରାମ ନିକଟସ୍ଥ ଏକ ନିଛାଟିଆ ସ୍ଥାନରୁ ଶନିବାର ଏକ ବାର୍ହାର ମୃତଦେହ ବାମୁର ବନବିଭାଗ କର୍ମଚାରୀମାନେ ଉଦ୍ଧାର କରିଛନ୍ତି। ପ୍ରାଣୀ ବିଭାଗର କାଳନ୍ଦୀ ଚରଣ ନାୟକ ମୃତଦେହ ବ୍ୟବଚ୍ଛେଦ କରିବା ପରେ ଏହାକୁ ପୋତି ଦିଆଯାଇଛି। ଘଟଣାରୁ ଜଣାପଡ଼ିଛି, କିଛି ଦିନ ତଳେ ବାର୍ହାଟି ଜନ୍ତୁ ଶିକାରୀଙ୍କ ଗୁଳିରେ ଆହତ ହୋଇ ରେଢ଼ାଖୋଲ ଅଞ୍ଚଳରୁ ବାମୁର ରେଞ୍ଜ ଅଭିମୁଖେ ପଳାଇ ଆସିଥିଲା। ଶନିବାର ସକାଳେ ଏହାର ମୃତଦେହ ଓସ୍କାପାଲି ନିକଟରେ ପଡ଼ିଥିବା ଗ୍ରାମବାସୀ ଦେଖି ବାମୁର ରେଞ୍ଜ କାର୍ଯ୍ୟାଳୟକୁ ସୂଚନା ଦେଇଥିଲେ। ଖବରପାଇ ଏସିଏଫ୍ ଗୌରୀଶଙ୍କର ଦାସ, ବାମୁର ରେଞ୍ଜର ଚିତ୍ତ ରଞ୍ଜନ ପ୍ରଧାନ ସେଠାରେ ପହଞ୍ଚି ବାର୍ହାର ମୃତଦେହ ଜବତ କରିଥିଲେ।

### ବିଜେଡିରେ ମିଶିଲେ ୯ କଂଗ୍ରେସ କର୍ମୀ

ଆଠମଲ୍ଲିକ,୨୨।୯(ଡି.ଏନ.ଏ.)- ଆଠମଲ୍ଲିକ ବ୍ଲକ ଜାମୁଡୋଲ ପଞ୍ଚାୟତ ଲାଇନ୍‌ପଡା ଗ୍ରାମ ୭ ନଂ. ୱାର୍ଡ଼ର କଂଗ୍ରେସ କର୍ମୀ ସୁରେଶନ ବିଶ୍ୱାଳ, ପ୍ରଦୀପ ସେଠୀ, ପଞ୍ଚାନନ ପ୍ରଧାନ, କନ୍ଦର୍ପ ବିଶ୍ୱାଳ, ସଦାଶିବ ରଣା, ଜିତେନ୍ଦ୍ର ପ୍ରଧାନ, ଅନାଦି ପ୍ରଧାନ, ନିରଞ୍ଜନ ପ୍ରଧାନ, ଉଗ୍ରେସନ ବିଶ୍ୱାଳ ବିଜେଡିରେ ସାମିଲ ହୋଇଛନ୍ତି। ଅନୁଗୋଳ ସର୍କିଟ ହାଉସ୍‌ରେ ଆଠମଲ୍ଲିକ ବିଧାୟକ ସଞ୍ଜୀବ ସାହୁଙ୍କ ଉପସ୍ଥିତିରେ ସେମାନେ ଦଳରେ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେମାନେ ବିଜେଡିରେ ସାମିଲ ହୋଇଥିବା ପ୍ରକାଶ କରିଛନ୍ତି।

### ଲଗାଣ ବର୍ଷାରେ ଘର ଭାଙ୍ଗିଲା



ବଇଣ୍ଡା,୨୨।୯(ଡି.ଏନ.ଏ.)- ୩ ଦିନ ଧରି ଲଘୁଚାପଜନିତ ଲଗାଣ ବର୍ଷାରେ ଆଠମଲ୍ଲିକ ବ୍ଲକରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ପାଇକସାହି ପଞ୍ଚାୟତ ପାଇକସାହି ଗ୍ରାମର ଦଣ୍ଡଧର ସାହୁ, ପବନ ନାୟକଙ୍କ ଚାଳ ଘର ଭାଙ୍ଗି ଯାଇଛି। ଶୁକ୍ରବାର ସେମାନେ ଘରେ ଶୋଇଥିବାବେଳେ ଘର କାନ୍ଥ ଭୁସୁଡ଼ି ପଡ଼ିଥିଲା। ଏଥିରେ କେହି ମୃତାହତ ହୋଇ ନାହାନ୍ତି। ଏଥିସହିତ ବର୍ଷାରେ ମୁଗ, ବିରି, କୋଳଥ ଚାଷ ଗୁଡ଼ିକ ନଷ୍ଟ ହୋଇଯାଇଛି। ପନିପରିବା ଚାଷ ବିଲରେ ପାଣି ଜମି ଯାଇଥିବା ଯୋଗୁ କୋବି, ଟମାଟୋ ନଷ୍ଟ ହୋଇଯାଇଛି। ବିଭିନ୍ନ ବ୍ୟାଙ୍କରୁ ଚାଷୀମାନେ ଋଣ କରି ଏହି ଚାଷ କରିଥିବାବେଳେ ଏବେ କ୍ଷତିଗ୍ରସ୍ତ ହେବା ନେଇ ଚିନ୍ତିତ ହୋଇପଡ଼ିଛନ୍ତି। ତୁରନ୍ତ ପ୍ରଶାସନ ପକ୍ଷରୁ କ୍ଷତିଗ୍ରସ୍ତ ଚାଷୀ ଓ ପରିବାରଙ୍କୁ ଚିହ୍ନଟ କରାଯାଇ ସରକାରୀ ସାହାଯ୍ୟ ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହୋଇଛି।

# ୨୭ରୁ କୁଷ୍ଠ ଚିହ୍ନଟ ଅଭିଯାନ

ଅନୁଗୋଳ ଅଫିସ,୨୨।୯



ମେଡ଼ିକାଲ ପରିସରରେ ଅନୁଷ୍ଠିତ ବୈଠକ।

ଆସନ୍ତା ୨୭ ତାରିଖରେ ଅନୁଗୋଳ ଜିଲାରେ ଆରମ୍ଭ ହେବାକୁ ଯାଉଛି କୁଷ୍ଠ ରୋଗ ଚିହ୍ନଟ ଅଭିଯାନ। ୭ ଦିନ ଧରି ଚାଲିବାକୁ ଥିବା ଏହି ଅଭିଯାନକୁ ଦୃଷ୍ଟିରେ ରଖି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ଶିବ ପ୍ରସାଦ ପାଢ଼ୀଙ୍କ ଅଧକ୍ଷତାରେ ଶନିବାର ଏକ ଜିଲାସ୍ତରୀୟ କର୍ମଶାଳା ମେଡ଼ିକାଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟକର୍ମୀମାନେ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଗୃହ ପରିଦର୍ଶନ କରି ସଚେତନତା ସୃଷ୍ଟି କରିବା ସହ ରୋଗ ଚିହ୍ନଟ କରିବେ ବୋଲି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି।

୨୦୨୦ ସୁଦ୍ଧା ଜିଲାରେ କୁଷ୍ଠ ରୋଗ ନିରାକରଣ କରାଯିବା ଉପରେ ଜିଲା କୁଷ୍ଠ ରୋଗ ନିରାକରଣ ଅଧିକାରୀ ଡ. ତ୍ରିଲୋଚନ ପ୍ରଧାନ ବୈଠକରେ ଗୁରୁତ୍ୱାରୋପ କରିଥିଲେ। ଗ୍ରାମାଞ୍ଚଳ ଓ ସହରାଞ୍ଚଳ ବସ୍ତି, ଅଧିକ କୁଷ୍ଠ ରୋଗ ପ୍ରବଣ ଅଞ୍ଚଳଗୁଡିକ ଉପରେ ଅଧିକ ଗୁରୁତ୍ୱ ଦେବାକୁ ଏହି ଅବସରରେ ଆଲୋଚନା ହୋଇଥିଲା। ଜିଲା କୁଷ୍ଠ ରୋଗ ପରାମର୍ଶଦାତା ଡ. ନିରୋଦ ଶତପଥୀ ପାୱାର ପଏଣ୍ଟ ମାଧ୍ୟମରେ କୁଷ୍ଠ ରୋଗର ଲକ୍ଷଣ, ରୋଗୀ ଚିହ୍ନଟ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଅବସରରେ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ସଚେତନତା ପାଇଁ ଶାମ୍ବରଥ ବୁଲି ପ୍ରଚାର ପ୍ରସାର କରିବାକୁ ସ୍ଥିର କରାଯାଇଛି। ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୁଷ୍ଠ ରୋଗ ନୋଡାଲ ପରିଦର୍ଶକମାନେ ଏଥିରେ ଯୋଗ ଦେଇଥିଲେ। ଶେଷରେ ଜିଲା କାର୍ଯ୍ୟକ୍ରମ ପରିଚାଳକ ବିଶ୍ୱରଞ୍ଜନ ରଥ ଧନ୍ୟବାଦ ପ୍ରଦାନ କରିଥିଲେ।

## ବିକାଶ କାର୍ଯ୍ୟ ଆଗେଇ ନେବାକୁ ପରାମର୍ଶ

ଛେଣ୍ଡିପଦା,୨୨।୯ (ଡି.ଏନ.ଏ.)

ଛେଣ୍ଡିପଦା ବ୍ଲକ ବ୍ରାହ୍ମଣବିଲ ପଞ୍ଚାୟତସ୍ତରୀୟ ବିକାଶ ଦିବସ ସ୍ଥାନୀୟ ବାଲିନାଳୀ ଗ୍ରାମଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ନେହେରୁ ଯୁବକେନ୍ଦ୍ର ବ୍ଲକ ସମନ୍ୱୟ ଅଧିକାରୀ ରାମଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିକାଶ ଦିବସ ଆୟୋଜନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଗ୍ରାମର ବିକାଶ ମୂଳକ କାର୍ଯ୍ୟ, ଜନମଙ୍ଗଳ କାର୍ଯ୍ୟ, ଦକ୍ଷତା ବିକାଶ, ଡିଜିଟାଲ ଇଣ୍ଡିଆ, ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା, ଗ୍ରାମରେ ମଦମୁକ୍ତି ଅଭିଯାନ ଚାଲୁ ରଖିବା ସହ ସମସ୍ତ ପଞ୍ଚାୟତବାସୀ ଏକଜୁଟ ହୋଇ ବିକାଶମୂଳକ କାର୍ଯ୍ୟ ଆଗେଇ ନେବା ପାଇଁ ବ୍ୟାପକ ସଚେତନତା ସୃଷ୍ଟି କରାଯାଇଥିଲା। ମା' ବୁଢ଼ୀ ଯୁଥ କ୍ଲବ ସଭାପତି ତାପସ କୁମାର ସାହୁ, ସମ୍ପାଦକ ଘନଶ୍ୟାମ ସାହୁ, ସରପଞ୍ଚ ସୁଧାକର ବେହେରା ପ୍ରମୁଖ ଯୋଗ ଦେଇଥିଲେ। କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ବହୁ ସଂଖ୍ୟାରେ ପଞ୍ଚାୟତବାସୀ ଉପସ୍ଥିତ ଥିଲେ।

■ଭାଟିରେ ମଦ ନ ରାନ୍ଧିବାକୁ ତାଗିଦ

## ସରଞ୍ଜାମରେ ଲଗାଇଲେ ନିଆଁ

ବଇଣ୍ଡା,୨୨।୯(ଡି.ଏନ.ଏ.)



କିଶୋରନଗର ଥାନା ତାଳପଦର ଓ ଏହାର ଆଖପାଖ ଅଞ୍ଚଳରେ କିଛିଦିନ ହେବ ଚୋରା ମଦ କାରବାର ବୃଦ୍ଧି ପାଉଛି। ଏ ନେଇ ସ୍ଥାନୀୟ ପୋଲିସକୁ ସୂଚନା ଦେଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ କରି ଅସନ୍ତୁଷ୍ଟ ମହିଳା ଗୋଷ୍ଠୀ ଶନିବାର ସନ୍ଧ୍ୟାରେ ତାଳପଦର ମଦ ଭାଟିରୁ ଦେଶୀ ମଦ ଓ ମଦ ରନ୍ଧା ସରଞ୍ଜାମ ବୋହି ଆଣି ସେଥିରେ ନିଆଁ ଲଗାଇ ଦେଇଛନ୍ତି। ଏଥିସହିତ ମଦ ଭାଟିରେ ପଶି ମଦ ରନ୍ଧା ବନ୍ଦ କରିବା ପାଇଁ ତାଗିଦ୍ କରିଛନ୍ତି। ମହିଳାମାନଙ୍କ କହିବା ଅନୁଯାୟୀ, ତାଳପଦର ଗ୍ରାମରେ ମାତ୍ରାଧିକ ଚୋରା ଦେଶୀ ମଦ କାରବାର ହେଉଛି। ଫଳରେ ଗ୍ରାମର ପୁରୁଷମାନେ ମଦ୍ୟପାନ କରି ଗଣ୍ଡଗୋଳ ସୃଷ୍ଟି କରୁଛନ୍ତି। ପରିବାରରେ ଅଶାନ୍ତି ଲାଗି ରହିବା ସହ ମହିଳାମାନେ ନିର୍ଯାତନାର ଶିକାର ହେଉଛନ୍ତି। ମଦ ଭାଟି କର୍ମଚାରୀମାନେ ବ୍ୟବସାୟ ବୃଦ୍ଧି କରିବା ପାଇଁ ବାଇକ୍ ଯୋଗେ ଗ୍ରାମ ତଥା ଗ୍ରାମ ବାହାରକୁ ପାଉଚ ମଦ ଚାଲାଣ କରୁଛନ୍ତି। ଏ ନେଇ ପୂର୍ବରୁ ଅଭିଯୋଗ କରିଥିଲେ ମଧ୍ୟ ସେମାନଙ୍କ କଥା କେହି ଶୁଣୁନାହାନ୍ତି। ତେଣୁ ବାଧ ହୋଇ ସେମାନେ ଏକଜୁଟ୍ ହୋଇ ଏଭଳି ପଦକ୍ଷେପ ଗ୍ରହଣ କରିଥିବା ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ମଦ ରନ୍ଧା ବନ୍ଦ ନ ହେଲେ ମଦ ଭାଟି ଭାଙ୍ଗି ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

■ଡାକ୍ତର ନିଯୁକ୍ତି ହେଲାନି

## ୧ରେ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଆନ୍ଦୋଳନ

ବଇଣ୍ଡା, ୨୨।୯(ଡି.ଏନ.ଏ.)

କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବହୁ ଡାକ୍ତର ପଦବୀ ଖାଲି ପଡ଼ିଛି। ଆବଶ୍ୟକ ସଂଖ୍ୟାରେ ଡାକ୍ତର ନିଯୁକ୍ତି କରାଯାଉ ନ ଥିବା ଯୋଗୁ ସ୍ୱାସ୍ଥ୍ୟକେନ୍ଦ୍ରରେ ସେବା ବାଧାପ୍ରାପ୍ତ ହେଉଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଏ ଦିଗରେ ବିଭାଗ ଦୃଷ୍ଟି ଦେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଉଛି। ପ୍ରତିବାଦରେ ଆସନ୍ତା ଅକ୍ଟୋବର ୧ରେ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଆନ୍ଦୋଳନ କରାଯିବ ବୋଲି ଜୀବନ ଜୀବିକା ଓ କୃଷି ଜମି ସୁରକ୍ଷା କମିଟି ପକ୍ଷରୁ ନିଷ୍ପତ୍ତି ହୋଇଛି। ଏ ନେଇ କମିଟି ପକ୍ଷରୁ ଶନିବାର ଜଏରାଟଠାରେ ଏକ ପ୍ରସ୍ତୁତି ବୈଠକ ବସିଥିଲା। କମିଟି ସଭାପତି ଦୀନବନ୍ଧୁ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସମ୍ପାଦକ ଅନନ୍ତ ଚରଣ ପ୍ରଧାନ, ପୂର୍ବତନ ସରପଞ୍ଚ ରମଣ ରଞ୍ଜନ ପ୍ରଧାନ, ତୀର୍ଥବାସୀ ଭୋଇ, ସର୍ବେଶ୍ୱର ପ୍ରଧାନ, ସୁବାସ ପ୍ରଧାନ, ଗୋବିନ୍ଦ ବିଶ୍ୱାଳ, କିଶୋରୀ ପ୍ରଧାନ, ତରୁଣ ବେହେରା, ପୀତାମ୍ବର ପ୍ରଧାନଙ୍କ ସମେତ ବହୁ ଗ୍ରାମବାସୀ ଯୋଗ ଦେଇଥିଲେ। କମିଟି ପକ୍ଷରୁ କୁହାଯାଇଛି, କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ୧୫ରୁ ଊର୍ଦ୍ଧ୍ୱ ପଞ୍ଚାୟତବାସୀ ନିର୍ଭର କରୁଛନ୍ତି। ଏଥିରେ ୭ ଡାକ୍ତର ପଦବୀ ଥିବାବେଳେ ମାତ୍ର ୨ ଜଣଙ୍କୁ ନିଯୁକ୍ତି କରାଯାଇଛି। ଜରୁରୀ ସେବା ଲୋକମାନେ ପାଇ ପାରୁ ନ ଥିବାବେଳେ ବିଶେଷଜ୍ଞ ଡାକ୍ତର ନ ଥିବା ଯୋଗୁ ରୋଗୀ ସମ୍ବଲପୁର ଜିଲା ଉପରେ ନିର୍ଭର କରୁଛନ୍ତି। ଏ ନେଇ କମିଟି ପକ୍ଷରୁ ବହୁବାର ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ ଅବଗତ କରାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରୁ ନାହିଁ। ସେପ୍ଟେମ୍ବର ୩୦ ସୁଦ୍ଧା ଡାକ୍ତର ନିଯୁକ୍ତି କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ଡିପ୍ଲୋମା ଇଞ୍ଜିନିୟରଙ୍କ ଆନ୍ଦୋଳନ ଜାରି

ଛେଣ୍ଡିପଦା, ୨୨।୯(ଡି.ଏନ.ଏ.)

ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର ସେବା ସଂଘ ଆହ୍ୱାନ କ୍ରମେ ଛେଣ୍ଡିପଦା ବ୍ଲକ ଡିପ୍ଲୋମା ଇଞ୍ଜିନିୟରମାନେ ୫ ଦଫା ଦାବି ନେଇ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି । ରାଜ୍ୟ ସରକାର କାର୍ଯ୍ୟରତ ଡିପ୍ଲୋମା ଇଞ୍ଜିନିୟରମାନଙ୍କ ବିଭିନ୍ନ ଅଭାବ ଅସୁବିଧା ପ୍ରତି ଗୁରୁତ୍ୱ ନ ଦେଇ କ୍ରମାଗତ ଭାବେ ଅବହେଳା ପ୍ରଦର୍ଶନ କରୁଥିବା ସେମାନେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ବ୍ଲକର କନିଷ୍ଠ ଯନ୍ତ୍ରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଥିବା ଯୋଗୁ ବ୍ଲକର ବିକାଶମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଏପରିକି ଆମ ଗାଁ ଆମ ବିକାଶ ଯୋଜନା ସହ ଅନ୍ୟାନ୍ୟ ଉନ୍ନୟନ ମୂଳକ କାର୍ଯ୍ୟର ଅଗ୍ରଗତି ହୋଇପାର ନ ଥିବା ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।

## ମହିଳା ମହାସଂଘର ସମୀକ୍ଷା ବୈଠକ

ଛେଣ୍ଡିପଦା,୨୨।୯(ଡି.ଏନ.ଏ.)


ବୈଠକରେ ଯୋଗ ଦେଇଥିବା ମହିଳାମାନେ।

ଛେଣ୍ଡିପଦା ବ୍ଲକ କୁକୁରପେଟା ପଞ୍ଚାୟତସ୍ତରୀୟ ମହିଳା ମହାସଂଘର ଏକ ସମୀକ୍ଷା ବୈଠକ ଶନିବାର ସ୍ଥାନୀୟ ରାଜୀବ ଗାନ୍ଧୀ ଭାରତ ନିର୍ମାଣ ସେବାକେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ମମତା ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ବୈଠକରେ ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ସାହୁ ଅଧ୍ୟକ୍ଷତା କରିଥିଲେ। ବୈଠକରେ ସଙ୍ଗଠନର ମାସିକ ଅଗ୍ରଗତି ବିବରଣୀ ଉପରେ ଆଲୋଚନା କରାଯାଇଥିଲା। ମାସିକ ସଞ୍ଚୟ, ମହାସଂଘ ସିଆଇଏଫ ଋଣ ଆଦାନ ପ୍ରଦାନ, ଆୟବ୍ୟୟ, ଗୋଷ୍ଠୀ ସହାୟିକାଙ୍କ ଦ୍ୱାରା ପରିଚାଳିତ ଆଞ୍ଚଳିକ ମଞ୍ଚ ଏସଏଚଜି ଗଠନ, ଆର୍ଥିକ ପରିଚାଳନା, ଜମାଖାତା, ଋଣ ପ୍ରଦାନ ଆଦି ଉପରେ ଆଲୋଚନା କରାଯାଇଥିଲା। ଓଡ଼ିଶା ଜୀବିକା ମିଶନ ମାଧ୍ୟମରେ କାର୍ଯ୍ୟକାରୀ ହେଉଥିବା ଯୋଜନା ତଥା କୃଷି ମିତ୍ରଙ୍କ ଜରିଆରେ ଜୈବିକ ପଦ୍ଧତିରେ ଚାଷ କାର୍ଯ୍ୟର ଉପକାରିତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ପଞ୍ଚାୟତର ଚାଷୀମାନଙ୍କୁ ସଚେତନ କରିବା ପାଇଁ ପ୍ରାଣୀମିତ୍ରଙ୍କୁ ପରାମର୍ଶ ଦିଆଯାଇଥିଲା। ମହାସଂଘ ସମ୍ପାଦିକା ପଦ୍ମିନୀ ସାହୁ, ଇଏଲଏସପି ଜ୍ୟୋତ୍ସ୍ନା ସାହୁ, କୃଷି ମିତ୍ର ଆରତୀ ଗଡନାୟକ, ସତୀ ପ୍ରଧାନ, କଳ୍ପନା ପଧାନ, ଗୋଷ୍ଠୀ ସହାୟିକା ରଶ୍ମିତା ସାହୁ, ସୁକାନ୍ତି ସାହୁ, ନେତ୍ରମଣୀ ପଧାନ,ସଂଯୁକ୍ତା ସାହୁ, ରଶ୍ମିତା ଦେହୁରୀ, ପ୍ରାଣୀମିତ୍ର ଦିତୀ କୃଷ୍ଣା ସାହୁ, ରୁନି ସାହୁ, କାର୍ଯ୍ୟନିର୍ବାହୀ ସଦସ୍ୟା ସରସ୍ୱତୀ ଦେହୁରୀ, ବବିତା ଦେହୁରୀ, ଭାରତୀ ନାଏକ, ଗୀତାଞ୍ଜଳି ପ୍ରଧାନ,ପାଞ୍ଚାଳି ସାହୁ, ନୟନୀ ମାଝୀ, ଦ୍ରୌପଦୀ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଯୁବ ବାହିନୀର ଦାୟିତ୍ୱ ସମ୍ପର୍କରେ ଆଲୋଚନା

ଛେଣ୍ଡିପଦା,୨୨।୯(ଡି.ଏନ.ଏ.)



ଛେଣ୍ଡିପଦା ବ୍ଲକ କୁକୁରପେଟା ପଞ୍ଚାୟତ ଅଫିସଠାରେ ଶନିବାର ବିଜୁ ଯୁବ ବାହିନୀର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଯୁବ ବାହିନୀ ସଭାପତି ବୁଲୁ ସାହୁଙ୍କ ଆହ୍ୱାନକ୍ରମେ ଏହି ବୈଠକରେ ସଙ୍ଗଠନ ସଭ୍ୟାସଭ୍ୟଙ୍କ ଭୂମିକା ତଥା ଦାୟିତ୍ୱ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଗ୍ରାମାଞ୍ଚଳରେ କ୍ରୀଡ଼ାର ବିକାଶ, ସାମାଜିକ ସହାୟତା, ଜନକଲ୍ୟାଣ କାର୍ଯ୍ୟକ୍ରମ ପ୍ରତି ଧ୍ୟାନ ଦେବା ପାଇଁ ପରାମର୍ଶ ଦିଆଯାଇଥିଲା। ସେହିପରି ରାଜ୍ୟ ସରକାରଙ୍କ ସମସ୍ତ ଯୋଜନାର ସଫଳ ରୂପାୟନ କ୍ଷେତ୍ରରେ ଏହି ସଙ୍ଗଠନର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ଯୁବ ବାହିନୀ ବ୍ଲକ ସଂଯୋଜକ ସତ୍ୟବ୍ରତ ଦେହୁରୀ, ସମ୍ପାଦକ ମିଳନ ସାହୁ, କୋଷାଧ୍ୟକ୍ଷ ଦୀପକ ସାହୁ, ସରପଞ୍ଚ ମୋହନ ଚରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଦୁର୍ଗାପୁର ପଞ୍ଚାୟତ ଅଫିସଠାରେ ବିଜୁ ଯୁବ ବାହିନୀ ବୈଠକ ଅନୁଷ୍ଠିତ ହୋଇଥିଲା। ସଭାପତି କ୍ଷୀରୋଦ କୁମାର ପ୍ରଧାନଙ୍କ ଆହ୍ୱାନକ୍ରମେ ଏହି ବୈଠକରେ ସରପଞ୍ଚ ସସ୍ମିତା ବେହେରା, ନାଏବ ସରପଞ୍ଚ ବୈରାଗୀ ସାହୁ, ସମିତିସଭ୍ୟ ବେଣୁଧର ବେହେରା, ସଞ୍ଜୀବ ସାହୁ, ବଳରାମ ବେହେରାଙ୍କ ସମେତ ସମସ୍ତ ସଦସ୍ୟ ଯୋଗ ଦେଇଥିଲେ।

## ୩ୟ ଦିନରେ ରେଳରୋକୋ

ବଅଁରପାଳ, ୨୨।୯(ଡି.ଏନ.ଏ.)

ନାଲ୍‌କୋ ସ୍ମେଲଟର ପ୍ଲାଣ୍ଟ ନିକଟରେ ବାସ କରୁଥିବା ଗାଡରଖାଇ ଗ୍ରାମକୁ ଅନ୍ୟତ୍ର ସ୍ଥାନାନ୍ତର ଦାବିରେ ଗ୍ରାମବାସୀ ଚଳାଇଥିବା ରେଳରୋକୋ ଆନ୍ଦୋଳନ ଶନିବାର ୩ୟ ଦିନରେ ପହଞ୍ଚିଛି। ପ୍ଲାଣ୍ଟ ଯୋଗୁ ପ୍ରଦୂଷିତ ପରିବେଶରେ ରହିବା କଷ୍ଟକର ହେଉଥିଲେ ହେଁ ଗ୍ରାମବାସୀଙ୍କୁ ଅନ୍ୟତ୍ର ଥଇଥାନ ପାଇଁ ଜିଲା ପ୍ରଶାସନ କିମ୍ବା ନାଲ୍‌କୋ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉ ନ ଥିବା ଆନ୍ଦୋଳନକାରୀ ଅଭିଯୋଗ କରିଛନ୍ତି। ବହୁବାର ଦାବି ସତ୍ତ୍ୱେ ସମସ୍ୟା ସମାଧାନ ହେଉ ନ ଥିବାରୁ ନାଲକୋ ପ୍ଲାଣ୍ଟକୁ ଯାଇଥିବା ରେଳ ଧାରଣାରେ ଆନ୍ଦୋଳନ କରାଯାଇଥିବା ସେମାନେ ପ୍ରକାଶ କରିଛନ୍ତି। ଏଥିଯୋଗୁ ପ୍ଲାଣ୍ଟକୁ ରେଳ ଚଳାଚଳ ବାଧାପ୍ରାପ୍ତ ହୋଇଛି।

## ବଡବାପା ଟାଙ୍ଗିଆ ଚୋଟରେ ପୁତୁରା ଗୁରୁତର

ଛେଣ୍ଡିପଦା,୨୨।୯ (ସ୍ୱ.ପ୍ର./ଡି.ଏନ.ଏ.)

ଛେଣ୍ଡିପଦା ଥାନା ବସନ୍ତପୁର ପଞ୍ଚାୟତ ଡେଉଁରିଆଝରଣ ଗ୍ରାମର ପ୍ରତାପ ଦେହୁରୀ(୨୨) ଶନିବାର ତାଙ୍କ ବଡବାପା ଅର୍ଜୁନ ଦେହୁରୀ(୬୫)ଙ୍କ ଟାଙ୍ଗିଆ ଆକ୍ରମଣରେ ଗୁରୁତର ହୋଇଛନ୍ତି। ପ୍ରତାପଙ୍କୁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଛି। ଏ ନେଇ ଥାନାରେ ଅଭିଯୋଗ ହୋଇଛି। ପୂର୍ବଶତ୍ରୁତା ଓ ଜମିବାଡି ବିବାଦକୁ ନେଇ ଏହା ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଘଟଣାରେ ପୋଲିସ ଅର୍ଜୁନଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଘଟଣାରୁ ଜଣାପଡିଛି, କୈଳାସ ଚନ୍ଦ୍ର ଦେହୁରୀଙ୍କ ପୁଅ ପ୍ରତାପ ଘରେ ଥିବାବେଳେ ଅର୍ଜୁନ ହଠାତ୍ ସେଠାରେ ପହଞ୍ଚି ଏକ ଟାଙ୍ଗିଆରେ ତାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଏଥିରେ ପାଖରେ ଥିବା ପ୍ରତାପଙ୍କ ଭାଇ ଲୋଚନ ମଧ୍ୟ ଆହତ ହୋଇଥିବା ଜଣାପଡିଛି। ଖବରପାଇ ଛେଣ୍ଡିପଦା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି।

## ରାସ୍ତାପାର୍ଶ୍ୱକୁ ମାଡ଼ିଗଲା ଟ୍ରକ୍

ଛେଣ୍ଡିପଦା,୨୨।୯(ଡି.ଏନ.ଏ.)




ଛେଣ୍ଡିପଦା-ବୁଢାପାଳ ୬୩ ନମ୍ବର ରାଜ୍ୟ ରାଜପଥର ମାମୁରିଆ ଗ୍ରାମ ନିକଟରେ ଶନିବାର ଅପରାହ୍ଣ ପ୍ରାୟ ୫ଟା ବେଳେ ଛେଣ୍ଡିପଦା ଆଡ଼କୁ ଆସୁଥିବା ଏକ ଟ୍ରକ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱକୁ ପଶିଯାଇଥିଲା। ଏଥିରେ କେହି ଆହତ ହୋଇ ନ ଥିବା ଜଣାପଡିଛି। ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକକୁ ଜବତ କରିବା ସହ ତଦନ୍ତ ଜାରି ରଖିଛି।

## ବିଷ ପିଇଦେଲେ ନବବଧୂ

ବନ୍ତଳା, ୨୨।୯(ଡି.ଏନ.ଏ.)

ଅନୁଗୋଳ ଜିଲା ବନ୍ତଳା ଥାନା ବ୍ରହ୍ମପୁର ଗ୍ରାମର ସ୍ମିତା ଜେନା (୨୨) ଶୁକ୍ରବାର ସକାଳେ ବିଷ ପିଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ଏ ନେଇ ଶନିବାର ସକାଳେ ସ୍ମିତାଙ୍କ ବାପା ଶଙ୍ଖପୁର ଗ୍ରାମର ଶରତ ପ୍ରଧାନ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ କରାଇଛି। ପୋଲିସ ସୂତ୍ରରୁ ପ୍ରକାଶ, ଘରୋଇ କଳିକୁ ନେଇ ସ୍ମିତା ବିଷ ପିଇ ଦେଇଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଡାକ୍ତର କଟକ ରେଫର୍ କରିଥିଲେ। କଟକ ନେବା ବାଟରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା।

# ଆଜି ବିଦାୟ ନେବେ ବିଶ୍ୱ ବିନ୍ଧାଣି






ବଅଁରପାଳ, ୨୨।୯(ଡି.ଏନ.ଏ.)

■ଶୋଭାଯାତ୍ରାରେ ଯିବେ ୬ ମେଢ

■ସନ୍ଧ୍ୟା ପୂର୍ବରୁ ସରିବ ଭସାଣି

ଗତ ୧୭ ତାରିଖଠାରୁ ବଅଁରପାଳ ବ୍ଲକ ନାଲ୍‌କୋଠାରେ ପୂଜା ପାଉଥିବା ବିଶ୍ୱ ବିନ୍ଧାଣି ବିଶ୍ୱକର୍ମା ରବିବାର ନାଲ୍‌କୋବାସୀଙ୍କଠାରୁ ବିଦାୟ ନେବେ। ଏ ନେଇ ନାଲ୍‌କୋ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଭସାଣି ଶୋଭାଯାତ୍ରାରେ ୬ଟି ମେଢ ସାମିଲ ହେବେ। ପୂର୍ବାହ୍ଣ ୧୧ଟା ମଧ୍ୟରେ ନାଲ୍‌କୋ ଗେଷ୍ଟ ହାଉସ୍ ରାସ୍ତାରେ ମେଢଗୁଡିକ ପର୍ଯ୍ୟାୟ କ୍ରମେ ଏକାଠି ହେବେ। ନିଜ ନିଜର ପାରମ୍ପରିକ ବାଦ୍ୟ ନୃତ୍ୟରେ ପୂଜାକମିଟିଗୁଡିକ ପକ୍ଷରୁ ଶୋଭାଯାତ୍ରା ଆରମ୍ଭ ହେବ। ସନ୍ଧ୍ୟା ପୂର୍ବରୁ ଭସାଣି ଶେଷ ହେବ ବୋଲି ସ୍ଥିର ହୋଇଛି। ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ଚଳିତ ବର୍ଷ ପୂଜା କମିଟିଗୁଡିକ ପକ୍ଷରୁ ୨୩ଟି ପୂଜା ମଣ୍ଡପ ହୋଇଥିଲା। ଆକର୍ଷଣୀୟ ତୋରଣ ସହ ଯାତ୍ରା ଦେଖିବାକୁ ବହୁ ଲୋକଙ୍କ ସମାଗମ ହୋଇଥିଲା। ତେବେ ଗତ ୨ ଦିନ ହେଲା ବର୍ଷା ଯୋଗୁ ପୂଜା ବଜାର ଫିକା ପଡିଯାଇଥିଲା। ଶନିବାର ପାଗ ପରିବର୍ତ୍ତନ ହେବାରୁ ମେଳାରେ ଲୋକଙ୍କ ଭିଡ ଜମିଥିଲା।

# ଅନିଶ୍ଚିତତାରେ ଐତିହାସିକ ବଳଦଯାତ୍ରା

**ଭୁବନ, ୨୨।୯(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଭୁବନର ଐତିହାସିକ ବଳଦଯାତ୍ରାକୁ ନେଇ ଦେଖାଦେଇଛି ଅନିଶ୍ଚିତତା। ଡିଜେ ସାଉଣ୍ଡକୁ ନେଇ ଅଞ୍ଚଳର

- ଡିଜେକୁ ନେଇ ବଢୁଛି ଅଡୁଆ
- ଓହରିଯିବାକୁ ଶାନ୍ତି କମିଟିର ଧମକ
- ସହଯୋଗ କରିବାକୁ ଆଗେଇ ଆସିଲା ଥୋରିଆ ସମାଜ

ଏପରି ଗୌରମମୟ ପରମ୍ପରା ବନ୍ଦ ହୋଇଯିବା ଆଶଙ୍କା ସୃଷ୍ଟି ହୋଇଛି। ଶନିବାର ବସିଥିବା ବୈଠକରେ ଡିଜେ ସାଉଣ୍ଡ ବାଜିବ କି ନାହିଁ ସେ ନେଇ କୌଣସି ନିଷ୍ପତ୍ତି ବାହାରିପାରିନାହିଁ। ରବିବାର ଆଲୋଚନା ପରେ ଚୂଡ଼ାନ୍ତ ନିଷ୍ପତ୍ତି ହେବ ବୋଲି ସହର ସଙ୍ଗଠନ ସଭାପତି ବାସୁଦେବ ବେହେରା ସୂଚନା ଦେଇଛନ୍ତି।

ସ୍ଥାନୀୟ ବାଜି ରାଉତ କଲ୍ୟାଣ ମଣ୍ଡପରେ ସହର ସଙ୍ଗଠନ ସଭାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ଦଶହରା କମିଟି, ଦୁର୍ଗାମେଢ଼ କମିଟି, ବଳଦିଆ ଏବଂ ଶାନ୍ତି କମିଟି ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ସବୁବର୍ଷ ଡିଜେ ସାଉଣ୍ଡ ବ୍ୟବହାର ଉପରେ କଟକଣା ଜାରି କରାଯାଉଥିବାବେଳେ କେତେଜଣ ନିୟମ ଭଙ୍ଗ କରୁଛନ୍ତି। ଏହାକୁ ନେଇ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ଚଳିତବର୍ଷ ଯାତ୍ରାରେ ତୀବ୍ର ଶବ୍ଦଯୁକ୍ତ ଡିଜେ ବଜାଇବା ଉପରେ କଟକଣା ଜାରି କରାଯିବ ବୋଲି ଶାନ୍ତି କମିଟି ଚରମ ନିଷ୍ପତ୍ତି ଶୁଣାଇଥିଲା। ହେଲେ ଡିଜେ ସପକ୍ଷରେ ଯାଇ କେତେଜଣ ବଳଦିଆ ଏବଂ ଯୁବକ ଉକ୍ତ ନିଷ୍ପତ୍ତିକୁ ବିରୋଧ କରିବା ପରେ ଶାନ୍ତି କମିଟି ଯାତ୍ରାରୁ ଓହରିଯିବ ବୋଲି ଚେତାବନୀ ଦେଇଛି। ପ୍ରଶାସନ ଯାତ୍ରା ପରିଚାଳନା କାର୍ଯ୍ୟ ହାତକୁ ନେଉ। ଆବଶ୍ୟକ ପଡ଼ିଲେ ଆଇନ ଉଲ୍ଲଂଘନକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଶାନ୍ତି କମିଟି ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। ଡିଜେ ସାଉଣ୍ଡ ପାଇଁ ଯାତ୍ରା ଆଶଙ୍କା ଭିତରକୁ ଠେଲି ହୋଇ ଯାଉଥିବାବେଳେ ପରମ୍ପରାକୁ ରକ୍ଷା କରିବାକୁ ଆଗେଇ ଆସିଛନ୍ତି ଥୋରିଆ ସମାଜ ମୁଖ୍ୟ ବିଶ୍ୱନାଥ ସାହୁ। ବିନା ଡିଜେରେ ଥୋରିଆ ସମାଜ ଏବଂ ବଣିକ ସଂଘ ଯାତ୍ରାରେ ସାମିଲ ହେବ ବୋଲି ସେ ସହମତି ଜଣାଇଛନ୍ତି। ହେଲେ ଅନ୍ୟ କମିଟି କର୍ମକର୍ତ୍ତା କ'ଣ ନିଷ୍ପତ୍ତି ନେବେ ତାହା ସ୍ପଷ୍ଟ ହୋଇନାହିଁ।

ଏ ସଂକ୍ରାନ୍ତରେ ସହର ସଙ୍ଗଠନ ସଭାପତି କୁହନ୍ତି, ଡିଜେ ସାଉଣ୍ଡ ବଜାଇଲେ ମିଳିତ ଯାତ୍ରାରେ ସାମିଲ କରାଯିବ ନାହିଁ। ଦୀର୍ଘବର୍ଷ ଧରି ଶାନ୍ତିଶୃଙ୍ଖଳାର ସହ ଯାତ୍ରା ଚାଲିଥିଲା। ୨–୩ ବର୍ଷ ହେଲା ଏଥିରେ ଡିଜେ ପଶିଛି। ଏହାଦ୍ୱାରା ଶାନ୍ତି ବ୍ୟାଘାତ ହେଉଛି। ଲୋକେ ଯାତ୍ରାର ଆନନ୍ଦ ନେଇ ପାରୁନାହାନ୍ତି, ଯଦି ଯାତ୍ରା ବନ୍ଦ ହେବ ଏଥି ଲାଗି ଯୁବକ ସମାଜ ଦାୟୀ ରହିବ ବୋଲି ସେ କହିଛନ୍ତି। ପୂର୍ବତନ ନଗରପାଳ ନରହରି ସାହୁ କୁହନ୍ତି, ବଳଦଯାତ୍ରା ଅଞ୍ଚଳର ପରିଚୟ। ଡିଜେ ସାଉଣ୍ଡ କାରଣରୁ ଘରେ ଘରେ ବନ୍ଧୁବାନ୍ଧବଙ୍କ ଭିଡ଼ କମୁଛି। ଲୋକେ ଯାତ୍ରାରୁ ମୁହଁ ଫେରାଉଛନ୍ତି। ଏଥିରେ କଟକଣା ସ୍ୱାଗତଯୋଗ୍ୟ ପଦକ୍ଷେପ। ବରିଷ୍ଠ ଆଇନଜୀବୀ କୁଞ୍ଜବିହାରୀ ଚିନ୍ନରା କୁହନ୍ତି, ଡିଜେକୁ ସମର୍ଥନ କରୁଥିବା ବ୍ୟକ୍ତିମାନେ ସମସ୍ୟାକୁ ହୃଦୟଙ୍ଗମ କରନ୍ତୁ। ସାମାନ୍ୟ କାରଣକୁ ନେଇ ଯାତ୍ରା ବନ୍ଦ ହୋଇଯିବା ସମୀଚୀନ ନୁହେଁ ବୋଲି ସେ ମତ ରଖିଛନ୍ତି।


ବୈଠକରେ ଉପସ୍ଥିତ ବିଭିନ୍ନ ବଜାର କମିଟି କର୍ମକର୍ତ୍ତାଙ୍କ ସମେତ ସ୍ଥାନୀୟ ବାସିନ୍ଦା।

# ୨୪ରେ କାମାକ୍ଷାନଗର ଜନଶୁଣାଣି ଶିବିର

**ଢେଙ୍କାନାଳ ଅଫିସ, ୨୨।୯**

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ କାର୍ଯ୍ୟାଳୟରେ ୨୪ ତାରିଖ ପୂର୍ବାହ୍ନ ୧୦ଟାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ଏଥିରେ ଜିଲାପାଳ, ଏସ୍‌ପିଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇ ଅଭିଯୋଗ ଶୁଣାଣି କରିବେ। ସମ୍ପୃକ୍ତ ଅଞ୍ଚଳବାସୀ ଶିବିରରେ ସେମାନଙ୍କ ଆପତ୍ତି ଅଭିଯୋଗ ଜଣାଇପାରିବେ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।










Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ